ବିଦ୍ୟା ଭାରତୀ

# ଶିକ୍ଷା ବିକାଶ ସମିତି, ଓଡ଼ିଶା

ପଞ୍ଜୀକରଣ କ୍ରମାଙ୍କ : ବି.ବି.ଏସ୍.ଆର. ୪୭୮୩୮/୧୯୮୪-୮୫ ଏବଂ ୨୨୪୮୬/୭୬/୨୦୦୭-୦୮ ରେଜିଷ୍ଟ୍ରାର ଅଫ ସୋସାଇଟିଜ୍, ଓଡ଼ିଶା, କଟକ ।
ବିଦ୍ୟାଭାରତୀ ଅଖିଳ ଭାରତୀୟ ଶିକ୍ଷା ସଂସ୍ଥାନ, ଲକ୍ଷ୍ନୌ ସହ ଅନୁବନ୍ଧିତ

ସରସ୍ୱତୀ କୁଞ୍ଜ, ଇ - ୫୯, ସେକ୍ଟର - ଏ, ଜୋନ୍ - ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର - ୭୫୧୦୧୦
ଦୂରଭାଷ - ୯୪୩୭୩୯୪୪୭୭ E-mail : svsodisha1977@gmail.com, Website : www.svsodisha.com

ପତ୍ରାଙ୍କ - ୨୯୧/୨୧ ଦିନାଙ୍କ - ୧୮.୦୨.୨୦୨୧

ପ୍ରାପ୍ତେଷୁ,

ସମସ୍ତ ସମ୍ପାଦକ ଓ ପ୍ରଧାନାଚାର୍ଯ୍ୟ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଓଡ଼ିଶା।

**ବିଷୟ :- ଜାତୀୟ ବିଜ୍ଞାନ ଦିବସ (୨୮ ଫେବୃଆରୀ) ପାଳନ ସମ୍ବନ୍ଧେ ।**

ମହାଶୟ,

ସାଦର ନମସ୍କାର । ଆଶା ମା' ଭାରତୀଙ୍କ କୃପାରୁ ଭଲରେ ଥାଇ ରାଷ୍ଟ୍ରକାର୍ଯ୍ୟରେ ବ୍ୟସ୍ତ ଥିବେ। ଭାରତବର୍ଷର ମହାନ୍ ବୈଜ୍ଞାନିକ ସି. ଭି. ରମଣ ବିଜ୍ଞାନରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ନୋବେଲ୍ ପୁରସ୍କାର ପାଇଥିଲେ। ଏହାକୁ ସ୍ମରଣ କରିବା ନିମନ୍ତେ ଭାରତ ସରକାର ଏହି ଦିବସକୁ ଜାତୀୟ ବିଜ୍ଞାନ ଦିବସ ରୂପେ ଘୋଷଣା କରିଛନ୍ତି। ଶିକ୍ଷା ବିକାଶ ସମିତି, ଓଡ଼ିଶାଙ୍କ ବାର୍ଷିକ ଯୋଜନାରେ ଏହି ଦିବସ ପାଳନ ବିଷୟରେ ଉଲ୍ଲେଖ କରାଯାଇଅଛି। ବିଜ୍ଞାନ ଦିବସ ପାଳନ ସମ୍ବନ୍ଧୀୟ କିଛି ବିନ୍ଦୁ ନିମ୍ନରେ ପ୍ରଦାନ କରାଗଲା। ତଦନୁଯାୟୀ କିଛି କାର୍ଯ୍ୟକ୍ରମ ଆୟୋଜନ କରି ଏହାର ବୃତ୍ତ ପତ୍ର ପ୍ରାନ୍ତ କାର୍ଯ୍ୟାଳୟକୁ ପ୍ରେରଣ କରିବା ହେବେ।

ଚଳିତ ଶିକ୍ଷାବର୍ଷ Covid-19 ଦୃଷ୍ଟିରୁ ବର୍ତ୍ତମାନ ସୁଦ୍ଧା ସମ୍ପୂର୍ଣ୍ଣ ଭାବରେ ବିଦ୍ୟାଳୟ ଖୋଲାଯାଇ ପାରିନାହିଁ। ତେଣୁ ଶିକ୍ଷା ପରିଷଦ ବିଜ୍ଞାନ ଟିମ୍‌ର ନିଷ୍ପତ୍ତି ଅନୁଯାୟୀ ଉଭୟ Online ଓ Offlineରେ କି କି କାର୍ଯ୍ୟକ୍ରମ ହୋଇପାରିବ ତାହା ନିମ୍ନରେ ପ୍ରଦାନ କରାଗଲା।

୧) ବିଜ୍ଞାନ ପ୍ରଶ୍ନମଞ୍ଚ ପ୍ରତିଯୋଗିତା (Offline / Google Form ମାଧ୍ୟମରେ) - ଶ୍ରେଣୀ ୧ମ ରୁ ୧୦ମ (Online ମାଧ୍ୟମରେ ପ୍ରଶ୍ନମଞ୍ଚ କଲେ live classର ସାହାଯ୍ୟ ନେବେ)।

୨) ଭାରତୀୟ ବୈଜ୍ଞାନିକଙ୍କ ଜୀବନୀ କଥନର ୨ ମିନିଟ୍ Video ପ୍ରସ୍ତୁତି ଓ Social Mediaରେ Post - ଶ୍ରେଣୀ ୪ର୍ଥ ରୁ ୧୦ମ।

୩) ବିନା ମୂଲ୍ୟ ବା ସ୍ୱଳ୍ପ ମୂଲ୍ୟର ବିଜ୍ଞାନ ଉପକରଣ ପ୍ରସ୍ତୁତି - ଶ୍ରେଣୀ ୬ଷ୍ଠ ରୁ ୧୦ମ।

୪) ବିଜ୍ଞାନ ସମ୍ବନ୍ଧୀୟ Paper Cutting କାନ୍ଥରେ ଲଗାଇବା କିମ୍ବା Social Mediaରେ Post କରିବା - ଶ୍ରେଣୀ ୯ମ ଓ ୧୦ମ।

୫) ସି.ଭି. ରମଣ / ଜଗଦୀଶଚନ୍ଦ୍ର ବସୁ / ପଠାଣି ସାମନ୍ତ ଯେ କୌଣସି ଜଣଙ୍କ ବିଷୟରେ ୨ ମିନିଟ୍ Video ପ୍ରସ୍ତୁତି - ଶ୍ରେଣୀ ୧ମ ରୁ ୩ୟ।

ଉପରିଲିଖିତ କାର୍ଯ୍ୟକ୍ରମଗୁଡ଼ିକୁ ଆନ୍ତରିକତାର ସହ ପାଳନ କରି ଛାତ୍ରାଭିମୁଖୀ କରାଇବେ ବୋଲି ଆଶା ଓ ବିଶ୍ୱାସ।

ଭବଦୀୟ

ସମ୍ପାଦକ
ଶିକ୍ଷା ବିକାଶ ସମିତି,ଓଡ଼ିଶା

ଜ୍ଞାପକ ସଂଖ୍ୟା :- ୨୯୨/୨୧ ତାରିଖ :- ୧୮.୦୨.୨୦୨୧

ଏହାର ଏକକିତା ନକଲ ସମସ୍ତ ସମ୍ଭାଗ ସମ୍ପାଦକ, ସମ୍ଭାଗ ସଂଯୋଜକ, ବିଭାଗ ପ୍ରମୁଖ, ବିଭାଗ ନିରୀକ୍ଷକ, ସଂକୁଳ ପ୍ରମୁଖ ଓ ପ୍ରାଦେଶିକ ଅଧିକାରୀଙ୍କ ଅବଗତି ଓ କ୍ରିୟାନ୍ୱୟନ ନିମନ୍ତେ ପ୍ରେରଣ କରାଗଲା।

ସମ୍ପାଦକ

ଯୋଗାଯୋଗ :- ଶ୍ରୀଯୁକ୍ତ ସୁବ୍ରତ ପଟ୍ଟନାୟକ, ପ୍ରାନ୍ତ ବିଜ୍ଞାନ ସଂଯୋଜକ, ଦୂରଭାଷ - ୯୪୩୭୬୯୩୨୨୬
ଶିକ୍ଷା ବିକାଶ ସମିତି, ଓଡ଼ିଶା, ଇ-୫୯, ସେକ୍ଟର-ଏ, ଜୋନ୍-ଏ, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର- ୭୫୧୦୧୦

# ଜାତୀୟ ବିଜ୍ଞାନ ଦିବସ
## ବୃତ୍ତ ପତ୍ରକ

ସ.ଶି.ବି.ମ.- ବିଭାଗ-

| କ୍ରମାଙ୍କ | କାର୍ଯ୍ୟକ୍ରମ ସୂଚୀ | ଶ୍ରେଣୀସା ଭାଗ ନେଇଥିବା ଛାତ୍ରଛାତ୍ରୀ ସଂଖ୍ୟା | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | ୧ମ | ୨ୟ | ୩ୟ | ୪ର୍ଥ | ୫ମ | ୬ଷ୍ଠ | ୭ମ | ୮ମ | ୯ମ | ୧୦ମ | ୧୧ଶ | ୧୨ଶ | ମୋଟ |
| 1 | ବିଜ୍ଞାନ ପ୍ରଶ୍ନମଞ୍ଚ | | | | | | | | | | | | | |
| 2 | ଭାରତୀୟ ବୈଜ୍ଞାନିକଙ୍କ ଜୀବନୀର ୨ ମିନିଟ୍ **Video** ପ୍ରସ୍ତୁତି | | | | | | | | | | | | | |
| 3 | ବିଜ୍ଞାନ ଉପକରଣ ପ୍ରସ୍ତୁତି | | | | | | | | | | | | | |
| 4 | ବିଜ୍ଞାନ **Paper Cutting** | | | | | | | | | | | | | |
| 5 | ନାମ ଦିଆଯାଇଥିବା ବୈଜ୍ଞାନିକଙ୍କ ଜୀବନୀର ୨ ମିନିଟ୍ **Video** ପ୍ରସ୍ତୁତି | | | | | | | | | | | | | |
| ମୋଟ | | | | | | | | | | | | | | |

ସମ୍ପାଦକଙ୍କ ସ୍ୱାକ୍ଷର

ପ୍ରଧାନାଚାର୍ଯ୍ୟଙ୍କ ସ୍ୱାକ୍ଷର